ସମାଜ

କଟକ, ଡାମ୍ବାରାଣ୍ଡ ୫ତାରିଖ ସୋମବାର

ଶହେ ବର୍ଷର ଶୃଙ୍ଗ ଭାଙ୍ଗିଲା

ଯେ ଭାଇ କଟକରେ ଥିଲେ ସେ ଆଜ ଆଉ ନାହାନ୍ତି ! ଦୁଃଖ ଜୀବନରେ ଯାହାଙ୍କ ସହାୟ ନିଜା ପାଇଁ ଭାଇ ଦୁଃଖ କେତେ ଲୋକ ବିଚରୁ ଥିବେ, ସେ ଦେଖିବେ ଆଜ ସେ ନାହାନ୍ତି ! ସେ ଆସୁ ଶହେ ବର୍ଷର ଲୋକ, ହେତୁ ପାଇଲା ଦିନୁ ୬୦।୭୫ବର୍ଷର ଅଭିଜ୍ଞତା ଯେ ବୁକୁରେ ଧରି ବସିଥିଲେ, କେତେ ଦୁଃଖ, କେତେ ବାଧ, କେତେ ଦ୍ୱନ୍ଦ୍ୱ, କେତେ କୌଶଳ ଭିତରେ ଯେ ନିଜର ଜୀବନ ଗଢି ଅସିଥିଲେ, କାର୍ଯ୍ୟ କରି ଅସିଥିଲେ, ତାଙ୍କ ମସ୍ତିଷ୍କରେ, ତାଙ୍କ ଅନ୍ତରରେ, ତାଙ୍କ ଅନୁଭୂତିରେ, ତାଙ୍କ ସ୍ମୃତିରେ କେତେ ସମ୍ପଦ ନ ଥିଲା । ରକ୍ତ ମାଂସ ଦେହ ଶୁଖି ଶୁଖି ଜଳାକାଠ ହୋଇ ଥିଲା, ପ୍ରତ୍ୟେକ ଅଙ୍ଗ କ୍ଷୀଣ ହୋଇଯାଇଥିଲା, କିନ୍ତୁ ଦୃଷ୍ଟି, ଶ୍ରୁତି ତଳେମାତ୍ର କ୍ଷୁଣ୍ଣ ହୋଇ ନ ଥିଲା; ସେ ଶୁଭ୍ର ଚମ୍ବର କେଶ ବରୁବର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚାଣ ପରି ଚାଳୁଥିଲା । ଯାହା ବୁକୁରେ, ଯାହା ମନରେ ଏତେ କଥା, ଏତେ ସ୍ମୃତି ସଞ୍ଚିତ ହୋଇ ରହିଥିଲା, ତାଙ୍କର ବିଶ୍ୱାସ ଥିଲା ଯେ ଦେହ ସାରେଇ ସବୁ ଭୁଆଡେ ଉଡେଇ ଗଲା ! ସେ ପବନ ଥିଲେ ସବୁ ରହିଥାନ୍ତା । ସମ୍ପତ୍ତି ହରିଗଲେ, ନାଶ ଥାଇଲେ ଲୋକ ସମ୍ପତ୍ତି କରି ନେଇପାରେ । କିନ୍ତୁ ତାକୁ ତ ମନୁଷ୍ୟ କରି ନ ଥିଲା । ଦୈବ ଯେ ବୁଦ୍ଧି ଦେଇଥିଲେ, ସେ ଶକ୍ତି ଦେଇଥିଲେ, ଧାରଣାଶକ୍ତି ଅବସ୍ଥାରେ ସେ ଯେପରି ଅକାର ପ୍ରକାର ଓ ବିକାଶ ଧାରଣ କରିଥିଲା—ସେ କଣ ସହଜରେ ବାହାର ହେବ ? ହଁ, ଲୋକ ଭୁଲି ପାରନ୍ତି; କିନ୍ତୁ ସେ ଏକାଳର ଲୋକ ହେବେ । ତାଙ୍କ ଅଭିଜ୍ଞତା ଅଲ୍ପ ଦିନର ହେବ । କିନ୍ତୁ ଯାହା ଶହେ ବର୍ଷର ସ୍ମୃତି, ଶହେ ବର୍ଷର ଅନୁଭୂତି ଥାଇ ସେ ଯେ ଜାତିର ମୂଳପୁରୁଷ ହୋଇ ରହିଥିଲେ ସେ ଆଜ କାହୁଁ ଅସିବ ? ଭୁଲ ଭ୍ରାନ୍ତି ତାହାର ନାହିଁ ? ଅଜ୍ଞାତ ଭୁଲ ଓ ଯାଦୋଷିତ ଅବସ୍ଥା ଏବଂ ପ୍ରଭେଦ ହେତୁରୁ ଭୁଲ ଲୋକ କରିଥାଏ, ମଧୁବାବୁ କରିଛନ୍ତି ବିଚାର-ନୁହେ । କିନ୍ତୁ ଓଡିଆ ଜାତି ପ୍ରତି ମମତା, ପ୍ରୀତି ତାଙ୍କ ପ୍ରାଣରେ ପରିପୂର୍ଣ୍ଣ ଥିଲା । ଯେତେ ବେଳେ ଓଡ଼ିଶା ବାହାରକୁ ଅସି ଫେରିଲା ଭାରତର ଜାତିସମୂହରେ ଉତ୍କଳର ସ୍ଥାନ ଦେଖିବାକୁ ପଡିଲା, ସେତେବେଳେ ଦୁଃଖ ଓ ବାଧ୍ୟର ପରିସର ନେଇ ପ୍ରଭେଦ ଅସି ଯାଇଥିଲେ ସ୍ୱଳ୍ପ ପ୍ରାଣ ଦୁର୍ବଳଙ୍କର ଜଡ଼ିତ ହୋଇଥିଲା । ଗୋପବନ୍ଧୁଙ୍କ ମୃତ୍ୟୁର ଅଳ୍ପକାଳ ପୂର୍ବରୁ ମଧୁବାବୁ ତାଙ୍କୁ ଯେଉଁ ଚିଠି ଲେଖିଥିଲେ ତାହା ଅନ୍ୟତ୍ର ପ୍ରକାଶ କରାଗଲା । ଶେଷ ଅବସ୍ଥା ଗୋପବନ୍ଧୁଙ୍କୁ ଦେଖିବା ପାଇଁ ପ୍ରାଣରେ ତ ବାସନା ଥିଲା, କିନ୍ତୁ ଏଭଳି ଭାବରେ ସେ ତାଙ୍କର ସ୍ୱଦେଶ ପ୍ରୀତି ଓ ଜାତିର ଉନ୍ନତି ପର୍ଯ୍ୟନ୍ତ ସ୍ପୀକାରକରି ପାରିଥିଲେ । ହିମାଳୟର ଶେଖରରେ ମଧୁବାବୁ ଉତ୍କଳର ଶ୍ରେଷ୍ଠ ଶୃଙ୍ଗ ଥିଲେ । ସେ ଶୃଙ୍ଗ ଯେତେବେଳ ଖସି ପଡିଲା ଏବେବେଳେ ହଜାର ହଜାର ଲୋକଙ୍କ ପ୍ରାଣରେ ବ୍ୟଥା ଲାଗିଥିବ ।

ମଧୁବାବୁଙ୍କର ବୁଦ୍ଧିବଳ ଅସାଧାରଣ ଥିଲା । ସ୍ମୃତିଶକ୍ତି ଅଲୌକିକ ଥିଲା । ତାଙ୍କ ମୁଖରେ ଶହେ ବର୍ଷର ମର୍ମ୍ମକଥା ଲାଗିଗଲା । ବୁଦ୍ଧି ଖେଳେଇ ଅବସ୍ଥାର ପ୍ରେରଣା ଦେଇ ସେହି ବଳରେ ଲଢ଼ିବା ପୁଅ ସେ ଜଣେ ଥିଲେ । ବିତଣ୍ଡ ମୋଭଲଲିଙ୍ଗ ସେତେବେଳେ ମଦ୍ରାଜରେ ଗାଳିଲା ସେତେବେଳେ କହିଥିଲେ—

'Rock of ages cleft for me,
Let me hide myself in Thee'

ଆଜ ଉତ୍କଳବାସୀ ଶତ ବର୍ଷର ଶାନ୍ତି ସ୍ମୃତିରେ ବିଭୋର ହେବାରେ ଠିକ ସେହିକଥା କହିବେ । ମଧୁବାବୁ ଭାରତର ଅନ୍ୟତମ ଜାତୀୟ ଭାବ ପ୍ରବର୍ତ୍ତକଙ୍କ ପାଖରେ ସତ । ଏ ଯୁଗର ଜାତୀୟ ଜୀବନରେ ସେ ଅଗ୍ରଗାମୀ ପ୍ରେରଣା ଦେଇ ପାରି ନ ଥିଲେ ମଧ୍ୟ ଲୋକେ ତାଙ୍କୁ ତାଙ୍କର ଉପଯୁକ୍ତ ବକ୍ତା ଦେଖେ ଓ ଦେଖନ୍ତି । ତାଙ୍କ ନାମ ଚିରକାଳ ସ୍ୱର୍ଣ୍ଣ-ଅକ୍ଷରରେ ଉତ୍କଳ ଇତିହାସରେ ଲେଖା ହୋଇ ରହିବ ।

ସ୍ୱର୍ଗୀୟ ମଧୁବାବୁଙ୍କ ପତ୍ର

ମୃତ୍ୟୁ ଶଯ୍ୟାରେ ମୋ ପାଖରେ ତୁମେ ଏକା ରହନ୍ତୁ

ସ୍ୱର୍ଗୀୟ ଗୋପବନ୍ଧୁଙ୍କ ପତ୍ର

ଆବେଗରେ ଅନ୍ତର୍ବେଦନା ଜଣାଇଥିଲେ

ସ୍ୱର୍ଗୀୟ ବୁଲବୁଲ ମଧୁସୂଦନ ସ୍ୱର୍ଗୀୟ ଦେଶପ୍ରାଣ ଗୋପବନ୍ଧୁଙ୍କୁ ଯେ ସ୍ନେହ, ବିଶ୍ୱାସ କରୁଥିଲେ, ଦେଶର ଆର୍ଥିକ ଜୀବନର ଉନ୍ନତି ପାଇଁ ତାଙ୍କର ଅବିଚଳ ବ୍ୟାକୁଳତା ଥିଲା, ଜୀବନର ଶେଷ ପୂଜା ସେ ଅବିଚଳ ସରଳ ଭାବରେ ସ୍ୱୀକାର କରୁଥିଲେ, ଏ ଦେଶର ଚିନ୍ତା ସବୁବେଳେ ସବୁ କାର୍ଯ୍ୟରେ ବିଷୟ ତାଙ୍କର ଥିଲା ସେଥିର ପରିଚୟ ଆଜ ନିମ୍ନଲିଖିତ ଚିଠିରୁ ମିଳିବ ।

ଗୁଣୀ ଏକା ଗୁଣ ଚେନ୍ତି । ସେ ପରମ ଗୁଣବାନ୍ ଥିଲେ । ରାଜନୈତିକ ମତଭେଦ ସତ୍ତ୍ୱେ ସେ ଗୁଣ ଚିହ୍ନି ଥିଲେ, ଗୁଣର ଉପାସନା କରିଥିଲେ । ମଧୁବାବୁଙ୍କ ମୃତ୍ୟୁ ଶଯ୍ୟାରେ ସ୍ୱର୍ଗୀୟ ଗୋପବନ୍ଧୁ ଉପସ୍ଥିତ ରହିବା ପାଇଁ ଦୈବ ସହଜ ନାହିଁ । ଉତ୍କଳର ଦୁଇଟି ବର ପୁତ୍ର ଜଣକ ପରେ ଜଣେ ଚାଲିଗଲେ ।

My dear Gopabandhu,

I anchor once more on the economic condition in Orissa. You are at liberty to use them in the best way they can be used. The great thing is to induce the masses to change their mind like the line of gravitation towards their money.

I am anxious for your health. I have grounds desperate and they may pass away any day. You are the only person with whom I should like to pray in my death bed. Take care of your health. Orissa is very unfortunate: if Nilakantha had lived he would have made a magnificent Minister of this January.

He was personally attached to me and I have had more than a brother in him.

I commenced public life single handed & it is natural I made mistakes, but I hope you believe that nothing but the country's interest was my ruling idea.

Yours ever the same
M. L. Das

I am enclosing a letter to the Samaj over my signature & its sensation is your letter. Please see that they are published

ପତ୍ରର ଅନୁବାଦ

"ମୋର ପ୍ରିୟ ଗୋପବନ୍ଧୁ,

ଓଡ଼ିଶାର ଅର୍ଥନୈତିକ ଅବସ୍ଥା ବିଷୟରେ ମୁଁ କେତେକ ଲେଖା ଏଥିସଙ୍ଗେ ପୋଷ୍ଟ ପଠାଇଲି । ଏ ସବୁର ଯେ ଭଲ ସବୁ ବ୍ୟବହାର ହୋଇପାରେ ତୁମେ ତାର ଉପଯୁକ୍ତ ବ୍ୟବହାର କରିପାର । ଲୋକଙ୍କର ଅର୍ଥର ଚାରିକେନ୍ଦ୍ର ବଦଳାଇବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ହେଉଛି ବଡ କାର୍ଯ୍ୟ ।

ମୁଁ ତୁମର ସ୍ୱାସ୍ଥ୍ୟପାଇଁ ବଡ ବ୍ୟାକୁଳ । ମୁଁ ବଡ ହତାଶ ହୋଇ ପଡ଼ିଛି । ଯେ କୌଣସିଦିନ ଏସାରରୁ ବିଦାୟନେଇ ଚାଲିପାରେ ।

ତୁମେ ଏକମାତ୍ର ଲୋକ ଯାହାଙ୍କୁ କି ମୋର ମୃତ୍ୟୁ ଶଯ୍ୟାପାଖେ ମୁଁ ଧରି ଉଚ୍ଚାରଣ ପ୍ରାର୍ଥନା କରିବାକୁ କାମନା କରୁଛି । ତୁମ ସ୍ୱାସ୍ଥ୍ୟର ଯତ୍ନ ନିଅ ।

ଓଡ଼ିଶା ବଡ଼ି ଅଭାଗ୍ୟ । ଯଦି ଅମୃତୋଷ ବଞ୍ଚିଥାନ୍ତେ, ତେବେ ସେ ଠାନେଶ୍ୱରକୁ ଏକ ଅଭିନବ ଦିଗ୍ଦର୍ଶନ ଦେଇଥାନ୍ତେ । ବ୍ୟକ୍ତିଗତ ଭାବରେ ମୋଠାରେ ତାଙ୍କ ସ୍ନେହ ଥିଲା । ତାଙ୍କର ମୃତ୍ୟୁରେ ମୁଁ ଭାଇଠାରୁ ବଡ଼ ଅଧିକ ଜଣଙ୍କୁ ହରାଇଲି ।

ମୁଁ ଏକାକୀ ଦେଶରେ ସାଧାରଣ ଜୀବନ ଆରମ୍ଭ କରିଥିଲି ଏବଂ ମୁଁ ଯେ ଭୁଲ କରିଛି ଏହା ସ୍ୱାଭାବିକ । କିନ୍ତୁ ମୋର ଆଶା, ତୁମେ ବିଶ୍ୱାସ କରିଥିବ ଯେ ଦେଶର ସ୍ୱାର୍ଥ ଛଡ଼ା ଅନ୍ୟ କିଛି ମୋ ଭାବନାର ନିୟାମକ ନ ଥିଲା ।

ତୁମର ସେହି ସବୁଦିନର
ଏମ୍, ଏସ୍, ଦାସ

ମୁଁ 'ସମାଜ' ପାଇଁ ମୋ ନିଜ ଦସ୍ତଖତରେ ଖଣ୍ଡେ ଚିଠି ଏଥି ସହିତ ପଠାଇଛି । ତାହାର ସାଙ୍ଗରେ ତମ ଚିଠି ଛାପି ଦେଇଛ । ଦେଖିବ, ସେତିକି ବିଷୟ ଯେପରି ପ୍ରକାଶ ପାଏ ।"

ପ୍ରାଣୀର ଭଲ ମନ୍ଦ କାଣି ମରଣ କାଟିଲା ତାହାଙ୍କ ଜାଣି

ଶ୍ମଶାନ ଓ ଶେଷ ଶଯ୍ୟାରେ ଅପୂର୍ବ ଦୃଶ୍ୟ

ହଜାର ହଜାର ଲୋକଙ୍କର ଭକ୍ତି ଅଞ୍ଜଳି

ସରକାରୀ ଟେ-ସରକାରୀ ସମସ୍ତ ଦିଗରେ ଅଭିଭୂତ

[କଟକ ୫।୨।୩୪

ଶନିବାର ଦିନ ସକାଳୁ ମଧୁବାବୁଙ୍କ କୋଠିରେ ଅଦ୍ଭୁତ ଦୃଶ୍ୟ ଦେଖିଲି । ଶ୍ରମଶ ଶୈଳବାଲାଙ୍କୁ ପରିବାର ଖବର ନେବାରେ ଓ ମଧୁବାବୁଙ୍କ ପାଖର ଦୃଶ୍ୟ ଦେଖିବାର ମନେହେଲା—ସବେ ଯେପରି ସେ ଦେହରୁ ଅଛି କେଶ କେଳ ନୁହେ । ସକାଳେ ଯେତେବେଳେ ମୁହଁ ଧୋଇବାର କଥା ପଡ଼ିଲା ମଧୁବାବୁ ମନା କରିଦେଲେ । କହିଲେ—'ନା, ଯେତେବେଳେ କଫିନ (କବରର କାଠ ବାକ୍ସ) ଭିତରେ ନେଇ ପୁରେଇବ, ସେତିକିବେଳେ ମୁହଁ ଧୋଇ ଦେବ, ବର୍ତ୍ତମାନ ନୁହେ ।' ଏକଥା ଶୁଣିଲେ-ବେଳୁ ସମସ୍ତଙ୍କ ମନରେ ଗୋଟାଏ ବିଷାଦ ଭାବ ଅସିଗଲା ।

ମଧୁବାବୁଙ୍କର ବିପହରରୁ ଖରାଜିବାରୁ ଅବସ୍ଥା ଟିକିଏ ଭଲ ଅଛି ଅସିଛନ୍ତି ବୋଲି ଜଣା ଯାଉଥିଲା ସୁଦ୍ଧା ଭୟ ଲୋକର ଭରପୂର ହୋଇ ରହିଥିଲା ।

ଶେଷବେଳର ଅବସ୍ଥା

ଶନିବାର ୮ଟା ବେଳେ ହାତ ଦୁଇଟା ପ୍ରଥମେ ଥଣ୍ଡା ହୋଇଗଲା । ୯ଟା ବେଳକୁ ମୁହଁରେ ଝାଳ ବେହାଗଲା । ହାତରେ ଥଣ୍ଡା କମେ କରିବାକୁ ଲାଗିଲେ । ୧୦ଟା ବେଳେ ଡାକ୍ତର ଅସି ଦେଖିଲେ ଯେ ନାଡ଼ୀ ଖରାପ । ସକାଳୁ ସେ ଲୋକଙ୍କ କହୁଥାନ୍ତି—ମୋର ମୁହଁ ଧୋଇବାର ଦରକାର ନାହିଁ, ମୋର ପେଟ ପରିଷ୍କାର କରିଅ ।

ବେଳ ୧୨ଟାରେ ମଝିରେ ମଝିରେ ନିଜେ ମୁଣ୍ଡରେ ହାତ ବୁଲାଉ ଥାନ୍ତି । ୧୨ଟାବେଳେ ନାଡ଼ିଠାରୁ ମୁହଁ ଏକାବେଳକେ ଥଣ୍ଡା ହୋଇ ଗଲା । ଚାରିରେ ଦେହରୁ ଝାଳ ବୋହିବାକୁ ଲାଗିଲା । ସେତେବେଳେ ପଡ଼ୁ ଯଶୁଖ୍ରୀଷ୍ଟଙ୍କ ସଙ୍ଗୀତ ପାଇ ତାକ ଶୁଣାଇବାକୁ ସେ ଇଙ୍ଗିତ ଦେଲେ । ସଙ୍ଗୀତ ବୋଲାଗଲା । ସେ ବଡ ଅନ୍ତରରେ ତାହା ଶୁଣୁଥାନ୍ତି । ଶେଷ ଗୋଟାଏ ୧୫ମିନିଟ ଠାରୁ ବିଷାଦ ଜୋରରେ ଚାଲିଲା । ରାତି ଗୋଟାଏ ୨୦ ମିନିଟରେ ସବୁ ଶେଷ ।

ଶେଷ ଦର୍ଶନର ସୌଭାଗ୍ୟ

ସେତେବେଳେ ପାଖରେ ଡକ୍ତର ଜୟନ୍ତ ରାୟ, ଡାକ୍ତର ଅଟଳ ବିହାରୀ ଅଚାର୍ଯ୍ୟ, ଡାକ୍ତର ବିଭୂତି ଭୂଷଣ ଚଟ୍ଟନାୟକ, ବାବୁ ବ୍ରଜସୁନ୍ଦର ଦାସ, ଶ୍ରୀଯୁକ୍ତ ଏନ୍, ଜେ, ରାୟ, ଶ୍ରୀମତୀ ବସନ୍ତକୁମାରୀ ଦେବୀ, ଶ୍ରୀମତୀ ଉମା ଦେବୀ, ବାବୁ ବିଚିତ୍ରାନନ୍ଦ ଦାସ, ରାଓ ବାହାଦୁର ଲକ୍ଷ୍ମୀଧର ମହାନ୍ତି; ମିଷ୍ଟର ପି, ସି, ଜୋଷ, ବାବୁ ଗୁଣନିଧି ମହାନ୍ତି, ୨।୩ଜଣ ଖ୍ରୀଷ୍ଟିୟାନ ଯୁବକ ଛଡ଼ା ଉପସ୍ଥିତ ଥାନ୍ତି ।

ସତ୍କାର ଆୟୋଜନ

ମୃତ୍ୟୁପରେ ଗୁରୁଅଙ୍କ ଖବର ବାହାରିଲା । ମଧୁବାବୁ ଶେଷ ମୁହୂର୍ତ୍ତରେ ଖ୍ରୀଷ୍ଟ ମତରେ ତାଙ୍କର କବର ଦେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ । ସେଥିପାଇଁ ଖ୍ରୀଷ୍ଟିୟାନ ଯୁବକ ଓ ତାଙ୍କ ସମ୍ପ୍ରଦାୟର ଭାଇମାନେ ପାହାନ୍ତା ୩ ଟା ବେଳେ ମଧୁବାବୁଙ୍କୁ ପରିଷ୍କାର ରୂପେ ସ୍ନାନ କରାଇ ଦେଲେ । ୧୯୦୩ ରେ ମଧୁବାବୁ ନିଜେ ଯେ ଜଣ ଲୁସାରୁଣା ଶବ୍ଦ ଅରମ୍ଭ କରାଇଥିଲେ ସେହି ଦେଶୀ ଉଆର ଚନ୍ଦ୍ରରୁଣ କପଡ଼ାର ଖଣ୍ଡେ କୋଟ ଖଣ୍ଡ ପଡ଼ାର ସ୍ୱଦେଶୀ ଚାଦର ଓ ଧୋତି, ଯାହା ପିନ୍ଧି ସାଧାରଣ ସଭାରୁ ଯାଆନ୍ତି ତାହାର ପିନ୍ଧାଇ ଦିଆ ଯାଇ ଥିଲା । ତାପରେ ତାଙ୍କୁ ଅଣି ତାଙ୍କର ବୈଠକଖାନା ଘରର ପଲଙ୍କ ଉପରେ ଶୁଆଇ ଦିଆଗଲା । ସକାଳେ ଗାଡ଼ି ୨ ହଜାର ସବୁ ଲୋକ ଦେଖିବାକୁ ଅସିଥିଲେ । ହିନ୍ଦୁ ପରିବାର ରମଣୀମାନେ ଅର୍ଧ ଫୁଲ ଓ ଚନ୍ଦନର ମାଳ ସଜାଇ ଦେଇଥିଲେ । ଶ୍ରୀଯୁକ୍ତ ଚନ୍ଦ୍ରାମଣି ଅଚାର୍ଯ୍ୟ ଘର କିଶୋର ରାୟ ପ୍ରଭୃତିଙ୍କ ଉଦ୍ୟମରେ ଘଣ୍ଟା ବଜାଯାଇଥିଲା ।

ପ୍ରାର୍ଥନା ଓ ପଟୁଆର

ଶ୍ରମତୀ କରକୁମାରୀ ଦେବୀ ମଧୁବାବୁଙ୍କ ଭାଇ ସ୍ୱର୍ଗୀୟ ଗୋପାଳ ପ୍ରସାଦ ଦାସଙ୍କ ସହଧର୍ମିଣୀ, ରମାଦେବୀ ତାଙ୍କର କନ୍ୟା । କରକୁମାରୀଙ୍କ ବିବାହର ଇଚ୍ଛା ଥିଲା—ଆଜି ଉତ୍କଳରେ ତାଙ୍କର ସଂସ୍କାର ହେଉ । ବନ୍ଧୁ ମଧୁବାବୁଙ୍କର ଖ୍ରୀଷ୍ଟଧର୍ମରେ ବିଶ୍ୱାସ ଥିଲା । ସେହି ଭାବରେ ସବୁ ହେବ ବୋଲି ଖ୍ରୀଷ୍ଟ ବ୍ରଜସୁନ୍ଦର ଦାସ, ଶ୍ରୀ ଚନ୍ଦ୍ରାମଣି ଅଚାର୍ଯ୍ୟ ପ୍ରମୁଖ ବୁଝାଇ ଦେଇଥିଲେ । ତାଙ୍କ ଖ୍ରୀଷ୍ଟଧର୍ମର ରୀତି ଅନୁସାରେ ପ୍ରାର୍ଥନା ପରେ ତାଙ୍କ ମୃତ ଦେହକୁ ପଲଙ୍କ ଉପରେ ସଜାଇ, ତାଙ୍କର ମୁହଁଟିକ ମୁକ୍ତ ଦୃଶ୍ୟାଲୋକ ପାଇଁ ଖୋଲି ରଖି ବିରାଟ ପଟୁଆରରେ ନିଆଗଲା । ପଟୁଆରର ବିବରଣୀ ଅନ୍ୟତ୍ର ପ୍ରକାଶ ପାଇଛି । ଏଭଳି ପଟୁଆର କଟକରେ ବିରଳ ଦେଖା ଯାଇଛି । ସ୍ୱଦେଶୀ, ବିଦେଶୀ, ଖ୍ରୀଷ୍ଟ, ସାଧାରଣ ୨ ହଜାର ଲୋକ 'ଭୂମି-ଶ୍ରୀ ହେବ, ମେଦିନୀ ଫାଟିବ, ଉଠିବେ ସନ୍ତ-ଭୂତା'—ଏହି ଗୀତ ତାଙ୍କର ପାଇ ପାଇ ଗାଇଥାନ୍ତି । ମଧୁବାବୁଙ୍କ ଦୁଇ ଭୟରେ ନିମ୍ନଲିଖିତ ଲେଖା ଲେଖା ହୋଇ ରହିଥାଏ—

'ଅମର ଜୀବନ ଅଶିଥିଲ ସ୍ୱର ସାଥେ
ଦେଇ ଗୁଲଗଲ ଉତ୍କଳ ଜନନୀ ହାତେ ।'

ଏ କଥା କଫିନ ଦେହରେ ମଧ୍ୟ ଲେଖା ହୋଇ ରହିଛି ।

କବର ଦୃଶ୍ୟ

ହଜାର ହଜାର ଜନତା କବର ଭୂମିରେ ଜମା ହୋଇଥିଲେ । 'ଶ୍ରୀଦ୍ୱାରେ ଶୁଣାଯାଇ ପ୍ରତିଧ୍ୱନି ସ୍ୱରାଜ୍ୟ-ଝ ' ହିନ୍ଦୁ, ମୁସଲମାନ, ଖ୍ରୀ, ଖ୍ରୀଷ୍ଟିୟାନ, ଦେଶୀ, ବିଦେଶୀ, ଜଳ, ସ୍ଥଳ ସମସ୍ତେ ଯେ ତାଙ୍କର ବନ୍ଧୁ ଥିଲେ ଏହି ପ୍ରମାଣ ସେହି କବର ଭୂମିରେ ମିଳିଗଲା । ହାଇକୋର୍ଟ ଜଜ ମିଷ୍ଟର ପେମ୍ବର, ଜଜ ମିଷ୍ଟର ମେଡମ୍, ଡିଷ୍ଟ୍ରିକ୍ଟ ମିଷ୍ଟର ଦେବଦତ୍ତ ଠାରୁ ଆରମ୍ଭ କରି କଟକର ସମସ୍ତ ବିଶିଷ୍ଟ ସଂବାଦ ଲୋକେ, ଶ୍ରୀଯୁକ୍ତ ଜାନକୀନାଥ ବୋସଙ୍କଠାରୁ ଆରମ୍ଭ କରି କଟକର ସମସ୍ତ ଓକିଲ, ଅଧ୍ୟାପକ ଅଧ୍ୟାପକଠାରୁ ଆରମ୍ଭ କରି କଲେଜର ଛାତ୍ର ସମସ୍ତ ଅଧ୍ୟାପକ, ଅଫିସ୍ ସ୍କୁଲ କଲେଜ ଛାତ୍ର, କଂଗ୍ରେସ ବେଳଂଗ୍ରେସ ସକଳ କର୍ମୀ, ଖ୍ରୀଷ୍ଟ ସମାଜର ସକଳ ଲୋକ, ରାଜା, ଜମିଦାର, ଜନସାଧାରଣ, ଶିକ୍ଷୟିତ୍ରୀ, ଛାତ୍ରୀ, ସ୍କୁଲର ଶିକ୍ଷକ ସମାଜ ସମସ୍ତ ଉପସ୍ଥିତ ଥିଲେ । ସ୍ୱର୍ଗୀୟ ବାହାଦୁର ଲୋକନାଥ ମିଶ୍ର, ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସିଂହ, ଶ୍ରୀ ଜଗନ୍ନାଥ ମିଶ୍ର, ବାବୁ ବ୍ରହ୍ମାନନ୍ଦ ମହାନ୍ତି ପ୍ରଭୃତି ମଧ୍ୟ ପୁଷ୍ପଚକ୍ର ଧାର୍ଯ୍ୟ କବର ଭୂମିରେ ଅସିଥିଲେ । ମଙ୍ଗଳ କଲା ଜାନାରେ ଅନ୍ୟ ସୁନ୍ଦର କଫିନ ବାକ୍ସ ଭିତରେ ପୁଷ୍ପଶଯ୍ୟାରେ ମଧୁବାବୁଙ୍କର ଦେହକୁ ଭୂମିରେ ରଖାଗଲା । ଏହି ସମ୍ବାଦ 'ସମାଜ' ଓ ଅନ୍ୟାନ୍ୟ କାଗଜ ମଧ୍ୟ ସେଥି ଭିତରେ ସ୍ଥାନ ପାଇଛି । ଲୋକେ କଫିନ ଉପରେ ଫୁଲ ଦେଲେ । କଫିନ ବନ୍ଧହେଲା ପରେ ଗୋଟି କବରର ଖଡ଼ା ଗହିର ଭିତରେ ସଜାଇ ଦିଆଗଲା । ବିଶେଷ ଧାର୍ଦ୍ଦି ଓଡ଼ିଆରେ ଯାଶୁଙ୍କର ଜୟଗାନ କରୁଥାନ୍ତି । ସମସ୍ତ ଖ୍ରୀଷ୍ଟ ସମାଜ ସ୍ତ୍ରୀପୁରୁଷ ପ୍ରାଣର ଆବେଗରେ ପ୍ରାର୍ଥନା ବୋଲୁଥାନ୍ତି । ଏହିଭଳି ଭାବରେ ଉତ୍କଳର କବିପୁତ୍ର ମଧୁବାବୁଙ୍କ ଛଳ ଛଳ ଆଖିରେ କବର ଭୂମିରେ ବିଦାୟ ଦେଇ ଗୋଟିଏପରେ ବିଷଣ୍ଣହୋଇ ଦଳ ଦଳ ହୋଇ ଫେରୁଥାନ୍ତି । କେହି କହୁଥାନ୍ତି—'ଓଡ଼ିଶାର ଗୋଟିଏ ଶ୍ରେଷ୍ଠ ସମ୍ପଦ ମାଟିରେ ପୋତି ଦେଇଗଲୁ । ତାଙ୍କର ମାଟିର ଦେହ ମାଟିରେ ମିଶିଗଲା । କିନ୍ତୁ ତାଙ୍କ କାଳ କାଳକୁ ରହିବ ।'

କବରର ଗେଷଲେଖା

କବର ଦେହରେ ଇଂରାଜୀରେ ଓ ଓଡ଼ିଆରେ ନିମ୍ନଲିଖିତ ଲେଖା ଲେଖାଯାଇଅଛି—

I came to jesus as I was
Weary and worn and sad;
I found in Him a resting place
And He has made me glad.

(ଯେଣୁ ଦୁଃଖ ଜଞ୍ଜାଳରେ ଅତ୍ୟନ୍ତ ଅବସାଦ ଭାବ,
ଏ ମର ଏସାରେ ଯୀଶୁଙ୍କୁ ଏକା ଅଶ୍ରା ସଖିଲ ।
ଦେ ଟିଲି ସେହିଟି ଅଟନ୍ତି ମୋର ଅଶ୍ରୟସ୍ଥଳୀ,
ମୋ ପ୍ରାଣେ ଅନନ୍ତ ସେ ଏକା ଦେଇଅନନ୍ତ ଭାବ ।)

ତାଙ୍କର କବର ଦେହରେ ମଧ୍ୟ ଲେଖା ରହିଛି—

'ଅମର ଜୀବନ ଅଶିଥିଲ ସ୍ୱର ସାଥେ
ଦେଇ ଗୁଲଗଲ ଉତ୍କଳ ଜନନୀ ହାତେ ।'

ଗୁରୁଆଜ୍ଞା ଗୋଚର ପ୍ରକାଶ

ଗୁରୁଅଜ୍ଞା ବର୍ତ୍ତମାନ ସହାନୁଭୂତି ସୂଚକ ସମ୍ବାଦ ଶ୍ରୀମତୀ ଶୈଳବାଲାଙ୍କ ପାଖରୁ ଆସୁଛି । କଟକର କମିଶନର ମିଷ୍ଟର ଟକ, କଟେଲ ପାଲିତ ପ୍ରଭୃତି ସହାନୁଭୂତି ଜଣାଇଛନ୍ତି । ଶ୍ରୀଯୁକ୍ତ କେଶ ଓ ମସଲେ ସେମାନଙ୍କର ସମ୍ବାଦ ମଧ୍ୟ ସହାନୁଭୂତି ଜଣାଇଛନ୍ତି । ମୃତ୍ୟୁ ଶଯ୍ୟାରେ ମଧୁବାବୁ ଶୋଇଥିବା ବେଳେ ମିଷ୍ଟର ଟକ ଫୁଲ ନେଇ ମଣ୍ଡିକେଲ ଅସିଥିଲେ ।

ଜଳିବାର ରାତି ଶ୍ରୀମତୀ ଶୈଳବାଲାଙ୍କ ପାଖରୁ ତାର କରାଯାଇ ଥିଲା—"ଭୁଲି, ତୁମର ପ୍ରିୟତମ ବାବାଙ୍କର ପରଲୋକରେ ମୁଁ ସମଦୁଃଖୀ । ଭଗବାନ ତୁମକୁ ଏ ବିପଦରେ ଧୈର୍ଯ୍ୟ ଦିଅନ୍ତୁ । ତାଙ୍କ ଉତ୍ସାହରେ ଦେଶର ଘୋର କ୍ଷତି ।"

ପଣ୍ଡିତ ନୀଳକଣ୍ଠଙ୍କ ଦୁଃଖ

ଉତ୍କଳର ଶ୍ରେଷ୍ଠ ଉତ୍ତମ ମଧୁସୂଦନ ଖସିଗଲେ । ମରିବାର ଦୁଇଦିନ ପୂର୍ବରୁ ମୁଁ ଶେଷ ଦେଖା କରିଥିଲି । ମୋତେ ଦେଖି ସେ ଯଥେଷ୍ଟ ଆଶୀର୍ବାଦ କରିଛନ୍ତି । ଶେଷ ମହାଯାତ୍ରା ମୋତେ ଦେଖିବାର ବାସନା ପ୍ରକାଶ କରିଥିଲେ । କିନ୍ତୁ ବିଧାତା ତାହା କରି ଦେଇ ନାହାନ୍ତି । ମୋର ମଧ୍ୟ ଶେଷ ଦେଖାର ବାସନା ଅପୂର୍ଣ୍ଣ ରହିଗଲା । ଭଗବାନ୍ ଯାହା କରନ୍ତି । ମଧୁବାବୁ ଚାଲିଗଲେ । ଅର୍ଦ୍ଧଶତାବ୍ଦୀର ଇତିହାସ ତାଙ୍କ ଶରୀରରେ ମୂର୍ତ୍ତ ଧରିଥିଲା । ଏ ଯୁଗର ଉତ୍କଳ ଯାହା ହୋଇଛି ସେଥିରେ ତାଙ୍କର ବୀଜବୃକ୍ଷ ଦେଖିବାକୁ ମିଳେ । ବିଶେଷରେ ଆଜ ଏ ସମ୍ବାଦ ବେଳେ—ନୂତନ ପ୍ରଦେଶର ସୃଜନାବେଳେ ସେ ଖସିଗଲେ । ବିଧାତାଙ୍କର ଏ ଭାବ ବିଚିତ୍ର । ମଙ୍ଗଳମୟଙ୍କର ଇଚ୍ଛା ଜୟଯୁକ୍ତ ହେଉ । ମଧୁବାବୁ ସରଣତ ବିଶ୍ୱରେ ଯାଇଛନ୍ତି । ଦେଖିଲେଦେଖି ମନ ଦୁଃଖ ତାଙ୍କ ଭଳି ବୀରର ଅଭାବ ଯେତେବେ

କଟକରେ ବିରାଟ ଶୋକସଭା

ବୃଦ୍ଧ, ଯୁବକ, ଶିକ୍ଷିତ, ସାଧାରଣ ସ୍ତ୍ରୀ, ପୁରୁଷ,

ସମସ୍ତଙ୍କର ମଧୁବାବୁ ନାମ କୀର୍ତ୍ତନ

୧୩ତାରିଖରେ ଶ୍ରାଦ୍ଧ ଦିବସ

(ନିଜ ପ୍ରତିନିଧିଙ୍କ ଠାରୁ)

କଟକ, ତା ୫।୨।୩୪

କାଲି ସନ୍ଧ୍ୟା ସାଢ଼େ ୬ଟା ବାଜିଲା, କଟକ ଟାଉନହଲରୁ ଯାଇ ସ୍ୱର୍ଗଲାବେଳେ ଦେଖାଗଲା ଗୁଏଡ଼ ଅନ୍ଧାର, ଗୋଟିଏ ଲଣ୍ଠନ ମିଛି ହୋଇ ଜଳୁଛି । ଗୁଏଡ଼ ଏକପ୍ରକାର ଅନ୍ଧାର ଘୋଟିଯାଇଛି । ଯେଉଁ ଲୋକର ଶବଦେହକୁ ଦର୍ଶନ କରିବାପାଇଁ ହଜାରୁ ଲୋକ ବାଟକୁ ଦୌଡ଼ିଥାନ୍ତି, ଯାହାଙ୍କର ମୃତଦେହର ଶ୍ମଶାନଦିନରେ ପଶ୍ଚିମ ଆକାଶରେ ବୁଡ଼ି ଯାଉଥିବା ସୂର୍ଯ୍ୟର କିରଣ ପଡ଼ି ଲୋକଙ୍କୁ କହି ଦେଉଥିଲା, 'ତୁମ୍ଭରାଜ୍ୟର ଗୋଟିଏ ସୂର୍ଯ୍ୟ ବୁଡ଼ିଗଲା, ଏହି ଶେଷଦେଖା ଦେଖିନିଅ'; ଯାହାଙ୍କପାଇଁ ସୁଦୂର କଳିକତା ଭୁଲିରେ ହଜାରୁ ସ୍ତ୍ରୀ ପୁରୁଷ ଚଳି ଆସିଛନ୍ତି ଶ୍ରୀଷ୍ଟିଆନ ଭାଇମାନଙ୍କର ପ୍ରାର୍ଥନାର ମଧୁମୂର୍ଚ୍ଛନା ଚାରିଆଡ଼ିରେ ପଡ଼ି ଠିଆହୋଇ ଶୁଣୁଥିଲେ—ତାଙ୍କ ଶୋକସନ୍ତପ୍ତର ଅବ୍ୟବହିତ ପୂର୍ବରୁ ଟାଉନହଲରେ ଏ ଦଶା କାହିଁକି, ଏ ଅନ୍ଧକାର କାହିଁକି ?

ଏହିକଥା ବିଚାର ମୋତେ, ମନେହେଲା ମଧୁବାବୁଙ୍କ ପାଇଁ ଖାଲି ମନୁଷ୍ୟ କାନ୍ଦୁନାହାନ୍ତି, ଏ ଟାଉନହଲ ମଧ୍ୟ କାନ୍ଦୁଛି । ସେଇଥିପାଇଁ ଆଜି ଘଟଣାଚକ୍ରରେ ଏହା ଅନ୍ଧକାରମୟ ।

ଏହି ଟାଉନହଲରେ ମଧ୍ୟବାବୁ କେତୋଟି ବକ୍ତୃତା ଦେଇଛନ୍ତି । ସଭାପତି ରୂପେ ଏହିଠାରେ ସେ ଉଚ୍ଚ ଆସନରେ ବସି କେତେ ପୂଜା ପାଇଛନ୍ତି । ଏହି ଗୋଟା, ଏହି ଘର କେତେଥର ତାଙ୍କୁ ସମକ୍ଷରେ ବୁଲାଇ ଧରି ଜନନେତାରେ ଦେଖାଇଛି । ଏହିଠାରେ ତାଙ୍କର ମୂର୍ତ୍ତିକୁ ଆଙ୍ଗୁଠି ଦେଖାଇ କହିବାର ଶୁଣିଛି 'ଏଇ ଅଲୁଅ ଜଳୁଛି' । ଅଲୁଅର ଉଦାହରଣ ଦେଇ ସେ ବକ୍ତାଙ୍କ ବକ୍ତୃତାରେ କହନ୍ତି । ଆହା ! ଆଜି ସେ ମଧୁବାବୁ ନାହାନ୍ତି କୋଳି ଦୁଃଖରେ ସେ ଅଲୁଅ ବୋଧହୁଏ ଆଜି ଘର ଭିତରକୁ ମୁଁ ଦାଉନାହିଁ ।

ସେହି ଦିନ ଭିତରେ ମଧୁବାବୁଙ୍କର ପ୍ରତିକୃତି ରହିଛି । ସେହିଠାରେ ତାଙ୍କ ଜୀବନର ଶେଷ ଦଶାରେ ସେ ସାଧାରଣ ସଭାରେ ସଭାପତି ହୋଇ ଯାଇଛନ୍ତି । ଦେଖିଥା ତେଲ ଘିଅ ସହରରେ କିଛିରି ବିକ୍ରି ନହେବ, କଟକର ଲୋକଙ୍କର ସ୍ୱାସ୍ଥ୍ୟ କିପରି ଭଲହେବ—ଏହିଥିପାଇଁ ସେ ସଭା ହୋଇଥିଲେ । ସେଥିରେ ମଧୁବାବୁଙ୍କର ସଭାପତି ହୋଇଥିଲା । ସାଧାରଣ ସଭାରେ ସହଯୋଗ ତାଙ୍କର ସେହିଦିନ ଶେଷ ।

ଆଜି ତାଙ୍କର ପରଲୋକରେ ବାସ୍ତବିକ ମନେହେଲା ଯେପରି ଏ ସାଧାରଣ ମନ୍ଦିର ମର୍ମ ବେଦନା ଅସରକ ହୁଏଛି ।

ଶୋକ ସଭାର ଆରମ୍ଭ

ଦେଖୁ ଦେଖୁ କିଛିରେ ମଧୁବାବୁଙ୍କୁ ଶେଷ ବିଦାୟ ଦେଇ ଆସିଥିବା ଜନତା କ୍ରମେ କ୍ରମେ ଟାଉନହଲ ଆଡ଼କୁ ମାଡ଼ି ଆସିଲେ । ଗାଡ଼ି, ଘୋଡ଼ା, ମଟର କ୍ରମେ ଅସ ପହଞ୍ଚିଗଲା । ବାସ୍ତବିକ କେହାଣି କାହିଁକି ଆଜି ମନେ ହେଉଥାଏ ଯେ ଗାଡ଼ି ଘୋଡ଼ା ମଟର ସର୍ବସ୍ୱ କାନ୍ଦୁଛନ୍ତି । ମନୁଷ୍ୟ ମାତ୍ରଙ୍କେ ଦୁଃଖରେ । ମଧୁବାବୁ ଜୀବନରେ ଯେ ଭ୍ରମ କରି ନଥିବେ ତାହା ନୁହେ । କିନ୍ତୁ କେତେ ବଡ଼ ଗୋଟାଏ ଦେଶର ବୁଦ୍ଧି ଥିଲା ଯେ ଚାଲିଗଲା—ଏହି ଦୁଃଖ ଯେପରିକି ସମସ୍ତଙ୍କୁ ଛାଡ଼ୁଛି—ଏହାହିଁ ସେତେବେଳେ ମଧ୍ୟ ଜଣା ପଡ଼ୁଥାଏ ।

ସଙ୍ଗେ ସଙ୍ଗେ ଟାଉନହଲରେ ଅଲୁଅ ଜଳି ଉଠିଲା । ଲୋକ ଭରପୁର ହୋଇ-ଗଲେ । ଶ୍ରୀଯୁକ୍ତ ଚିନ୍ତାମଣି ଅର୍ଜୁନ, ସତ୍ୟନାରାୟଣ ସେନଗୁପ୍ତ, ବ୍ରଜସୁନ୍ଦର ଦାସ, ବିଚିତ୍ରାନନ୍ଦ ଦାସ, ହରିହର ମହାପାତ୍ର, ରାୟ ବାହାଦୁର ଦାମୋଦର ରଥ, ଡାକ୍ତର ଅଟଳବିହାରୀ ଅର୍ଜୁନ, ଯାଦୁବେଶ୍ୱର ମହାନ୍ତି, ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି, ବଳବିହାରୀ ପାଲିଚ, ସୁବୋଧ ଗୁଣ୍ଡାଇ, ଜ୍ଞାନେନ୍ଦ୍ର ନାଥ ଘୋଷ, ଉମେଶଚନ୍ଦ୍ର ରାୟ, ଭୁଲିବାସ ନନ୍ଦ, କିଶୋରୀ ମୋହନ ଜୁଆଦାର, ନରେନ୍ଦ୍ରନାଥ ଗୁଣ୍ଡାଇ, ରାଜକୃଷ୍ଣ ଘୋଷ, ବାଞ୍ଛାନିଧି ମହାପାତ୍ର, ସର କିଶୋର ରାୟ, ବନମାଳୀ ମିଶ୍ର, ମଧୁସୂଦନ ଦାସ, ଅଗଣି ଦାସ, କୁଞ୍ଜବିହାରୀ ପଣ୍ଡା, ଅକ୍ଷୟକୁମାର ଚକ୍ରବର୍ତ୍ତୀ, ଅର୍ଦ୍ଧେନ୍ଦୁ ଚରଣ ଦାସ, ଡାକ୍ତର ଜୟନ୍ତ ରାୟ, ଦାମୋଦର ବଳ, ପ୍ରାଣକୃଷ୍ଣ ପଟ୍ଟନାୟକ, ରାଧାନାଥ ରଥ, ଗୌରପ୍ରସାଦ ମହାପାତ୍ର, ଖାଁ ବାହାଦୁର ଅହମଦ କବୁ, ଖାଁ ବାହାଦୁର ଅବଦୁଲ ମଜିଦ୍, ଶ୍ରୀମତୀ ସରୋଜିନୀ ଚୌଧୁରୀ, ଶ୍ରୀମତୀ ସରଳା ଦେବୀ, ଶ୍ରୀମତୀ ପ୍ରତିଭା ଦେବୀ, ଶ୍ରୀମତୀ ମାଳତୀ ଦେବୀ ଓ ଅନ୍ୟାନ୍ୟ ସହରର ବହୁତ ବିଶିଷ୍ଟ ଭଦ୍ରଲୋକ ଓ ଭଦ୍ର ମହିଳା ସଭାରେ ଉପସ୍ଥିତ ହୋଇ ରହିଥିଲେ ।

ବିଶ୍ୱନାଥ ବାବୁ ସଭାପତି

ଏ ସଭାର ସଭାପତି ହେବାପାଇଁ କଟକର ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କୁ ବ୍ରଜସୁନ୍ଦର ଦାସ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ମଧୁବାବୁଙ୍କର ସାଥୀ ସହକର୍ମୀ ଓ, ସମସାମୟିକ ବ୍ୟକ୍ତି ମାନଙ୍କର ଶ୍ରଦ୍ଧେୟ ବିଶ୍ୱନାଥ ବାବୁ ଆଜି ଶୋକସଭାରେ ପୁରୋଧା ହୁଅନ୍ତୁ । ରାଓ ବାହାଦୁର ଲକ୍ଷ୍ମୀଧର ମହାନ୍ତି ପ୍ରସ୍ତାବ ଅନୁମୋଦନ କଲେ ।

ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ କର କହିଲେ—ଆଜି ଆପଣମାନଙ୍କର ସମସ୍ତଙ୍କ ଦୁଃଖରେ ଶୋକରେ ପରିପୂର୍ଣ୍ଣ । ମୁଁ ମଧ୍ୟ ଆପଣମାନଙ୍କ ଭିତରୁ ଜଣେ । ବ୍ରଜବାବୁ କହିଲେ ମୁଁ ତାଙ୍କର ସହଯୋଗୀ ଓ ସହକର୍ମୀ । କିନ୍ତୁ ମଧୁବାବୁ ଯେ କଟକର ଲୋକ ଥିଲେ, ଯେ ଭଲ ବକ୍ତା ବିଚକ୍ଷଣ ଥିଲେ, ତାଙ୍କର ସହଯୋଗୀ ଓ ସହକର୍ମୀ ହେବା ଭଳି ଲୋକ ଆମ ଭିତରେ କେହି ନାହାନ୍ତି । ତାଙ୍କ ବିଷୟରେ ମୋର ଅନେକ ଅନୁଭୂତି ଅଛି ସତ, ଜଣ ଜଣଙ୍କର ଅନୁଭୂତି କହି ବସିଲେ ଗୋଟିଏ ଗୋଟିଏ ପୋଥି ହେବ । ମଧୁବାବୁଙ୍କର ଜୀବନ ଧର୍ମମୟ ଜୀବନ । ନାନାକାର୍ଯ୍ୟରେ ସେ ହାତ ଦେଇଥିଲେ । ବହୁମୁଖୀ ଶକ୍ତି ତାଙ୍କର ଥିଲା । ତାଙ୍କର କାର୍ଯ୍ୟରେ ପାଗଳା ହେବା ଲୋକ ଆଜି କେହି ନାହିଁ । କାର୍ଯ୍ୟରେ ଲୋପ ହୋଇଯିବା ତାଙ୍କର ବିଶେଷତ୍ୱ । ଏତେ କାର୍ଯ୍ୟର ଯେ ଚିନ୍ତାକରି ପାରୁଥିଲେ, ଅସମ୍ଭବ ଅଧ୍ୟବସାୟ କରି ପାରୁଥିଲେ, ତାଙ୍କର ସହକର୍ମୀ ହେବା ବିଡ଼ମ୍ବନା । ଜୀବନର ସକଳ ଜଞ୍ଜାଳ, ସକଳ ଉଦ୍‌ବେଗ, ସକଳ ଭାବନା ଭିତରେ ସେ ଶେଷ କାଳକୁ ଏକ ଅପୂର୍ବ ପ୍ରଶାନ୍ତି ଭାବ ଦେଖାଇଲେ । ମଧୁବାବୁ ଚଲିକି ଚାଲିଯାଆନ୍ତି, କଥା କହିକି ଦିଅନ୍ତି, ଅପମାନ ଦିଅନ୍ତି, ଲଞ୍ଛନା ଦିଅନ୍ତି, ଯେ ତାଙ୍କ ସଙ୍ଗେ କାର୍ଯ୍ୟ କରିଛନ୍ତି ପ୍ରତ୍ୟେକେ ଏହା ଅନୁଭବ କରିଥିବେ । ସେ ଅବଶ୍ୟ ଖୁବ ସ୍ନେହ ବଶରେ ଏହା କରନ୍ତି । କିନ୍ତୁ ଶେଷ ଜୀବନରେ ଅପୂର୍ବ ଭାବ ଦେଖାଗଲା । ସେ ଭାବ ବି ପ୍ରଶାନ୍ତ । ସେ ସେତେବେଳେ, ଅନ୍ୟ ଏକ କ୍ଷେତ୍ରରେ ପ୍ରାଣ ଢାଳି ଦେଇଥିଲେ । ସେ ସେହି ଭଗବାନଙ୍କଠାରେ ମନ ଢାଳି ଦେଇଥିଲେ । ଶାରୀରିକ ଯନ୍ତ୍ରଣା ତାଙ୍କୁ ମୋଟେ ସ୍ପର୍ଶ କରୁ ନଥିଲା । ସେ ସେହି ଭଗବାନ୍‌ଙ୍କୁ ପ୍ରେରଣା ଅନୁଭବ କରି ଶେଷ ବେଳରେ ବି ପ୍ରଶାନ୍ତି ଭାବ ଦେଖାଇ ଗଲେ । ସେ ଭଗବାନଙ୍କ ପ୍ରେରଣା ପାଇ କାର୍ଯ୍ୟ କରୁଥିଲେ କରୁଥିଲେ । ଏ ଦେଶବାସୀଙ୍କୁ ଅନ୍ତରେ ଅନ୍ତରେ ଭଲ ପାଉଥିଲେ । ତାଙ୍କର କାର୍ଯ୍ୟ କରିବାର ଅସାଧାରଣ ଶକ୍ତି ଥିଲା । ସମସ୍ତଙ୍କଠାରୁ ସେ ସେହିଭଳି ଆଶା କରିଥିଲେ । ନ ପାଇ ଥିବାରୁ ବିରକ୍ତ ହୁଅନ୍ତି, ଚିଡ଼ନ୍ତି । ମୁଁ ତାଙ୍କୁ କେତେ ସମାଲୋଚନା କରିଛି । କେତେ ଘଟଣାରେ କେତେ ମତଭେଦ ହୋଇଛି । କିନ୍ତୁ ଯେତେବେଳେ ଓଡ଼ିଶାର କଥା ଉଠିଥାଏ, ତାଙ୍କର କର୍ତ୍ତବ୍ୟ ଦିଗ ଓ ଦେଶସେବା କଥା ଶୁଣିବୁ, ସେତେବେଳେ ମୁହଁରୁ ମୁଖ ନଳିଯାଏ । ମୋର ମନେ ଅଛି ଥରେ ତାଙ୍କର ଅସୁସ୍ଥ ବିଲରେ ମୁଁ ମେୟର ଥିଲା ବେଳେ ମଧୁବାବୁ ଗୋଟିଏ କଣ ପ୍ରସ୍ତାବ କରିଥିଲେ । ସେଥିରେ ଓଡ଼ିଆ ମେୟରମାନେ ସହଯୋଗ ନକରିବାରୁ ତାହା ବ୍ୟର୍ଥ ହୋଇଗଲା । ତାର ପରବର୍ତ୍ତୀରେ ଓଡ଼ିଶାର ଦେଶଦିଶ୍ରଣ ପ୍ରସଙ୍ଗରେ ପ୍ରସ୍ତାବ ଅସିବାର କଥା ମଉଜ । ମୁଁ ସେତେବେଳେ ମୋର ବନ୍ଧୁମାନଙ୍କ ପରାମର୍ଶରେ ଲଂଡ଼ୀରେ ଏକ ବକ୍ତୃତା ଲେଖି ନେଇଥାଏ । କଥାହେଲା ଯେ ମଧୁବାବୁଙ୍କ ପରାମର୍ଶ ନେବାରୁ ହେବ, ତାଙ୍କ ପରାମର୍ଶ ନି ନେଲେ କାର୍ଯ୍ୟ ଚଳିବ କିପରି ? ସମସ୍ତେ ସେତେବେଳେ ଡରୁଥାନ୍ତି । କହୁଥାନ୍ତି—ଚଳେ ବର୍ତ୍ତମାନ ଗଲାବେଳେ, ତାଙ୍କ କଥା ରଖିବାହିଁ ବୋଲି ସେ ତ ଜିଦ୍ଅ ହୋଇ ରହିଥିବେ । ମୁଁ କହିଲି—ମୁଁ ସେ ଗାଳି ମୁଣ୍ଡେଇ ନେବି, ଚାଲ । ସମସ୍ତେ ଚାଲ । ଯାଇ ମିସ ଦାସଙ୍କ ସଙ୍ଗେ ଏ ଦେଶ ମିଶ୍ରଣ ବିଷୟରେ କଥାବାର୍ତ୍ତା ପଡ଼ିଥାଏ । ମଧୁବାବୁ ଦେଖିଯାଇ ହଠାତ୍ ତାହାର ଅର୍ଥ କହିଲେ—ତମେ ସେମାନଙ୍କ ସଙ୍ଗେ କଣ କଥାବାର୍ତ୍ତା କରୁଛ ? ଖୁବ ରାଗରେ କର କର ହୋଇ ମୋ ସାଙ୍ଗରେ ତୁମର କଣ ଅଛି ବୋଲି କହିଲେ । ଆମ୍ଭେମାନେ ସମସ୍ତେ ନରମ ନ ହୋଇ ଆଗକୁ ନ ପଛରି ଅଛୁ ତାହାକୁ ପଛରେ ହୋଇ ସେତେବେଳେ କହିଲୁ, ଦେଶମିଶ୍ରଣ କଥା ବୋଲି ଯେତେ-ବେଳେ ସେ ଶୁଣିଲେ ତାଙ୍କ ପ୍ରାଣ ମୁହୂର୍ତ୍ତିକ ବଦଳି ଗଲା । ସେ ପୁଣି ଭଲ୍ୟ ହୋଇଗଲେ । ମୋତେ ଓଲଟି କହିଲେ—ଓଡ଼ିଆର ଶେଷ ଚିଜ ଓଡ଼ିଆରେ ଅଛି ବକ୍ତୃତା କରନ୍ତୁ, ମୋତେ ଜବାବ ଦେ । ଶେଷରେ ଓଡ଼ିଆରେ ଅଛି ବକ୍ତୃତା କରିବୁ, ଲଂଡ଼ୀରେ ବକ୍ତୃତା ଚଳିବ ନାହିଁ । ଓଡ଼ିଶାର ଚିନ୍ତା, ଓଡ଼ିଶାର ଦେଶମିଶ୍ରଣ ତାଙ୍କ ପ୍ରାଣରେ ବରାବର ଜାଗି ରହିଥିଲା । ମୁଁ ତାଙ୍କଠାରେ ବହୁ ଭାବରେ ଋଣୀ । ମଧୁବାବୁ ଏ ଦେଶର ବଳ ଥିଲେ, ମେରୁଦଣ୍ଡ ଥିଲେ, ସକଳ ବିପଦ ଅପଦ ବେଳେ ମଧୁବାବୁ ଲୋକର ସହାୟ ଥିଲେ । ସୁଖ ଦୁଃଖ ସବୁବେଳେ—ଚାଲ ମଧୁବାବୁଙ୍କ ଯାଉଥିଲୁ । ପରିବାରରେ ଦେବତାଟିଏ ମଧୁସୂଦନ ଥିଲେ । ତାଙ୍କର ବନ୍ଧୁପାଲିର ବିଚକ୍ଷଣତା, ଅଭିଜ୍ଞତା ଓ ଅସାଧାରଣ ସାହସ ଥିଲା । ସେ ନାନା ବିପଦ ଅପଦ ବେଳେ ଅଗ୍ରସ୍ଥ ହେଉଥିଲେ । ଓଡ଼ିଶାର ସେ ମୁହଁମଣି ଥିଲେ । ଆଜି ତାଙ୍କର ମୃତ୍ୟୁରେ ସମସ୍ତେ ଅବିଭୂତ । ମୁଁ ଆଉ ବିଶେଷ କହି କହି ପାରୁ ନାହିଁ ।

ପରେ ପଣ୍ଡିତ ପ୍ରାଣକୃଷ୍ଣ ପଟ୍ଟନାୟକ ହୃଦୟ ଆବେଗରେ ଭଗ୍ନ ଭାଷା ପାଠ । କଲେ ।

ଶୋକ ପ୍ରସ୍ତାବ

ତା ପରେ ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ କଟକର ଜନସାଧାରଣଙ୍କ ପକ୍ଷରୁ ନିମ୍ନଲିଖିତ ପ୍ରସ୍ତାବ ଆଗତ କଲେ—

"କଟକବାସୀଙ୍କର ଏହି ସାଧାରଣ ସଭା ମଧୁବାବୁଙ୍କ ମୃତ୍ୟୁରେ ଗଭୀର ଦୁଃଖ ଓ ବେଦନା ପ୍ରକାଶ କରୁଅଛନ୍ତି । ମଧୁବାବୁ ଯେ ଆମ୍ଭମାନଙ୍କର ଉତ୍କଳରେ ଆଧୁନିକ ଜାତୀୟ ଜୀବନର ପ୍ରଥମ ସୂତ୍ରଧାର ସ୍ମରଣକର୍ତ୍ତା ସେ ଆଜି ଖଣ୍ଡବିଖଣ୍ଡ ଉତ୍କଳର ଏକତ୍ରୀକରଣରେ—ଶିଳ୍ପର ଉନ୍ନତି—ଜାତିର ସୁଶିକ୍ଷା ନିଷ୍ପତ୍ତି ଶିଳ୍ପର ଉଦ୍ଧାରରେ ଅବିରତ ଧନ ବ୍ୟୟ କରିଥିଲେ—ଗତ ଅର୍ଦ୍ଧଶତାବ୍ଦୀରେ ଓଡ଼ିଶାର ନେତାଙ୍କ ସାନ୍ନିଧ୍ୟ ନେତା ଥିଲେ—ତାଙ୍କର ଏହି ଦିଯୋଗରେ କଟକର ସବୁ ଶ୍ରେଣୀର ଜନସାଧାରଣ ଗଭୀର ଦୁଃଖ ପ୍ରକାଶ କରୁଛନ୍ତି ଏବଂ ତାଙ୍କର ଅସ୍ମରି ଦିବ୍ୟ ଆତ୍ମାର ସଦ୍‌ଗତି କାମନା କରୁଛନ୍ତି ।"

ବ୍ରଜବାବୁ କହିଲେ—ମଧୁବାବୁ ଓଡ଼ିଶାରେ ଆଧୁନିକ ଶିକ୍ଷା ପାଇବାରେ ପ୍ରଥମ । ଓଡ଼ିଆ ଭାଷା ରକ୍ଷା ପାଇଁ ସେ ମଲିକୁ କିପରି ଲଢ଼ିଛନ୍ତି ତାର ଗୋଟିଏ ସୂଚନା ସେ ଶ୍ରୀଯୁକ୍ତ ଚିନ୍ତାମଣି ଅର୍ଜୁନଙ୍କଠାରୁ ଲେଖିଥିବା ଖଣ୍ଡିଏ ପତ୍ରରୁ ସ୍ପଷ୍ଟ ଜଣାପଡ଼ିବ । (ସେ ପତ୍ରଖଣ୍ଡି ସେ ପଢ଼ିଥିଲେ । ତହିଁର ଅବିକଳ ପଠେ ପ୍ରଥମ ପୃଷ୍ଠାରେ ପ୍ରକାଶ କରାଯାଇଛି ।) ସେଥିରେ ସେ ଲେଖିଛନ୍ତି—ମୁଁ ଗାଠ ପଢ଼ିଲାବେଳେ ଭାଷାଭାଷା ନ ଥିଲା । ଓଡ଼ିଆ ଭାଷାର ସେବାର ପ୍ରଚାର ନ ଥିଲା । ମୁଁ ଶେଷ ଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷା ରକ୍ଷା ପାଇଁ ଚେଷ୍ଟା କରିଛି । ଓଡ଼ିଆ ଅକ୍ଷରରେ ଯେ ପ୍ରଶ୍ନର ଉତ୍ତର ଲେଖିବା ପାଇଁ ମୋତେ କମ ଲଢ଼େଇ କରିବାକୁ ପଡ଼ିଛି । ତୁମେ ଯେ ଚମତ୍କାର ଉଦାର ଚଠିଖଣ୍ଡି ଲେଖିଛ, ମୁଁ ତାର ଇଂରାଜୀରେ ଉତ୍ତର ଦେଇଥିବାରୁ କ୍ଷମା ପ୍ରାର୍ଥନା କରୁଛି । ତୁମପରି ମୋର ଓଡ଼ିଆ ଭାଷାରେ ଏତେ ଦରଦ ନାହିଁ । ଏହି ଓଡ଼ିଆ ଭାଷା ରକ୍ଷା ପାଇଁ ମୋତେ ବହୁତ ଲଢ଼େଇ କରିବାକୁ ହୋଇଛି ।

ବ୍ରଜବାବୁ କହିଲେ—ମଧୁ ବାବୁ ସବୁ ଦଳ, ସବୁ ଜାତି, ସବୁ ଧର୍ମର ଲୋକଙ୍କର ପ୍ରିୟ ଥିଲେ । ସେ ଓଡ଼ିଆ ଜାତୀୟତା ପ୍ରତିଷ୍ଠା କରିଛିଲେ । ଜାତୀୟତାକୁ ପ୍ରତିଷ୍ଠା କରିଥିବାରୁ ତାଙ୍କର ଶେଷ ଜୀବନରେ ସେ ଶାନ୍ତି ପାଇଥିଲେ । ସେ ରୋଗ ଶଯ୍ୟାରେ ବୈଷ୍ଣବମାନଙ୍କୁ କହିଥିଲେ—'ମନେ ଅଛି, ମୁଁ କଣ ଓଡ଼ିଆ' । ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ହାଜରାଙ୍କୁ କହିଥିଲେ—'ଭଲ ହଲେ, ତୋମାର କି ଲାଭ, ଲାଭ ଓଡ଼ିଆ ଜାତିର ।' ଶ୍ରୀଯୁକ୍ତ ସୁଧାଂଶୁବାଳା ହାଜରାଙ୍କୁ ମଧ୍ୟ ଠିକ ସେହି କଥା କହିଥିଲେ—'ମୁଁ ବଞ୍ଚିବାରେ ତୁମର ଲାଭ ନାହିଁ, ଲାଭ ଓଡ଼ିଆ ଜାତିର ।'

ବ୍ରଜବାବୁ ତାଙ୍କର ପ୍ରାର୍ଥନା କଥା ଉଲ୍ଲେଖ କରି ତାଙ୍କ ଶେଷ ଜୀବନରେ ସେ କିପରି ପୂର୍ଣ୍ଣ ଶାନ୍ତି ପାଇ ଥିଲେ ତାହା ବର୍ଣ୍ଣନା କରିଥିଲେ । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୂର୍ଣ୍ଣ ଜ୍ଞାନ ଥିଲା । ଶେଷରୁ ଅମ୍ଳିକ ବସରେ ଓଠ ଅର ଅଳପରେ ହୋଇ ଅସ୍ପଷ୍ଟ ଅସର ଧାମକୁ ଚାଲିଗଲା । ସେ କିପରି ଜେଜସ୍ୱୀ ଓ ଶକ୍ତିମାନ ଲୋକ-ଥିଲେ ଏବଂ କିପରି ଦେଶକୁ ଦେଇ ଗଲେ ସେ ଧର୍ମମୟ ଜୀବନ ହେଉଛି ଶାନ୍ତିମୟ ଜୀବନ । ସେ ସମସ୍ତଙ୍କୁ ଜୀବନର ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟ କରିବାକୁ କହୁଥିଲେ । ସେ ସ୍ୱର୍ଗ ପରି ବୈକୁଣ୍ଠ ଭଳି ଦେଖିଲେ । ତାଙ୍କ ଅନୁଭୂତି ଆମ୍ଭମାନଙ୍କ ଭିତରେ ରଖି ଯାଇଛନ୍ତି । ତାହାକୁ ଧରି ଆମ୍ଭମାନଙ୍କୁ କାର୍ଯ୍ୟ କରିବାକୁ ହେବ । ସେ ବୈରାଗ୍ୟରେ ମଧ୍ୟ କହିଥିଲେ ମୁଁ ଆଉ କିଛିଦିନ ବଞ୍ଚି ଓଡ଼ିଆ ଜାତିର ସେବା କରିବି ଏହା ବୋଧହୁଏ ଭଗବାନଙ୍କର ଇଚ୍ଛା । ଦେଶପାଇଁ ପ୍ରାଣ ଦେଇପାରିଲେ ନଥିଲେ ମୃତ୍ୟୁଶଯ୍ୟାରେ ଏକଥା କୁହାଯାଇ ନାହିଁ । ଶାସନ କମିଟିର ସେ ସଭାପତି ଥିଲେ । ମଧୁବାବୁଙ୍କ ପରାମର୍ଶରେ ଓଡ଼ିଶାର ଶିଳ୍ପୋନ୍ନତି ବିଧାନ କରନ୍ତୁ ବୋଲି ହଜାର ହଜାର ଓଡ଼ିଆଙ୍କ ଦିଗ୍ଦର୍ଶନରେ ଏହି ଯୋଜନା । ସେଥିରେ ତାଙ୍କ ପ୍ରାଣରେ ଅନେକ ଜଳୁଥିଲା । ଆମ୍ଭେମାନେ ଏଠାରେ ତାଙ୍କୁ ଅମୃତିକରଣ ଚେଷ୍ଟା ଯାଇ କହିବାକୁ ଯାଇଥିଲୁ । ସେ କହିଲେ—ମୋ ଯାଗରୁ ଏ ଭଳି ଶ୍ରାଦ୍ଧ ପ୍ରସ୍ତାବ ନେଇ କେହି କେବେ ଆସନ୍ତି ନାହିଁ । ମୋ ଜୀବନ ଦୃଢ଼ ହୋଇଛି । କିନ୍ତୁ ମଧୁବାବୁଙ୍କର ଜୀବନ କର୍ମ ମୟ ଜୀବନ । ସେ ଜୀବନ, ଗୋଟାଏ କିଛି ନୂଆ ଦେଖିବେ ବୋଲି ଆଶା ରଖିଥିଲେ । ଓଡ଼ିଶା ନୂଆ ପ୍ରଦେଶ ହେବ, କିନ୍ତୁ ତାର ମୂଲ୍ୟାୟନ ତାହା ଦେଖିବାକୁ ରହିଲେ ନାହିଁ ।

ବାବୁ ବିଜୟକୃଷ୍ଣ ଘୋଷ କହିଲେ—ତାଙ୍କର ବ୍ରଜଦେହକ ମତ ସଙ୍ଗେ ମୋର ମତ ବହୁତ ଅରକ ଥିଲେ ସୁଦ୍ଧା ଦେଶବାସୀଙ୍କ ପାଇଁ ସେ ଅନ୍ତ-ତମ ଭାଷା ରୁପେ ଦେଇଥିଲେ । ଓଡ଼ିଆ ଅକ୍ଷରରେ ଯେ ପ୍ରଶ୍ନର ଉତ୍ତର ଲେଖିବା ପାଇଁ ମୋତେ କମ ଲଢ଼େଇ କରିବାକୁ ପଡ଼ିଛି । ତୁମେ ଯେ ଚମତ୍କାର ଉଦାର ଚଠିଖଣ୍ଡି ଲେଖିଛ, ମୁଁ ତାର ଇଂରାଜୀରେ ଉତ୍ତର ଦେଇଥିବାରୁ କ୍ଷମା ପ୍ରାର୍ଥନା କରୁଛି । ତୁମପରି ମୋର ଓଡ଼ିଆ ଭାଷାରେ ଏତେ ଦରଦ ନାହିଁ । ଏହି ଓଡ଼ିଆ ଭାଷା ରକ୍ଷା ପାଇଁ ମୋତେ ବହୁତ ଲଢ଼େଇ କରିବାକୁ ହୋଇଛି ।

ବ୍ରଜବାବୁ କହିଲେ—ମଧୁ ବାବୁ ସବୁ ଦଳ, ସବୁ ଜାତି, ସବୁ ଧର୍ମର ଲୋକଙ୍କର ପ୍ରିୟ ଥିଲେ । ସେ ଓଡ଼ିଆ ଜାତୀୟତା ପ୍ରତିଷ୍ଠା କରିଛିଲେ । ଜାତୀୟତାକୁ ପ୍ରତିଷ୍ଠା କରିଥିବାରୁ ତାଙ୍କର ଶେଷ ଜୀବନରେ ସେ ଶାନ୍ତି ପାଇଥିଲେ । ସେ ରୋଗ ଶଯ୍ୟାରେ ବୈଷ୍ଣବମାନଙ୍କୁ କହିଥିଲେ—'ମନେ ଅଛି, ମୁଁ କଣ ଓଡ଼ିଆ' । ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ହାଜରାଙ୍କୁ କହିଥିଲେ—'ଭଲ ହଲେ, ତୋମାର କି ଲାଭ, ଲାଭ ଓଡ଼ିଆ ଜାତିର ।' ଶ୍ରୀଯୁକ୍ତ ସୁଧାଂଶୁବାଳା ହାଜରାଙ୍କୁ ମଧ୍ୟ ଠିକ ସେହି କଥା କହିଥିଲେ—'ମୁଁ ବଞ୍ଚିବାରେ ତୁମର ଲାଭ ନାହିଁ, ଲାଭ ଓଡ଼ିଆ ଜାତିର ।'

ବ୍ରଜବାବୁ ତାଙ୍କର ପ୍ରାର୍ଥନା କଥା ଉଲ୍ଲେଖ କରି ତାଙ୍କ ଶେଷ ଜୀବନରେ ସେ କିପରି ପୂର୍ଣ୍ଣ ଶାନ୍ତି ପାଇ ଥିଲେ ତାହା ବର୍ଣ୍ଣନା କରିଥିଲେ । ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପୂର୍ଣ୍ଣ ଜ୍ଞାନ ଥିଲା । ଶେଷରୁ ଅମ୍ଳିକ ବସରେ ଓଠ ଅର ଅଳପରେ ହୋଇ ଅସ୍ପଷ୍ଟ ଅସର ଧାମକୁ ଚାଲିଗଲା । ସେ କିପରି ଜେଜସ୍ୱୀ ଓ ଶକ୍ତିମାନ ଲୋକ-ଥିଲେ ଏବଂ କିପରି ଦେଶକୁ ଦେଇ ଗଲେ ସେ ଧର୍ମମୟ ଜୀବନ ହେଉଛି ଶାନ୍ତିମୟ ଜୀବନ । ସେ ସମସ୍ତଙ୍କୁ ଜୀବନର ଲକ୍ଷ୍ୟ ସ୍ଥିର କରି କାର୍ଯ୍ୟ କରିବାକୁ କହୁଥିଲେ । ସେ